ଧରିତ୍ରୀ
DHARITRI
ବୁଧବାର, ୨୪ ମାର୍ଚ୍ଚ, ୨୦୨୧



## ପୋଲିସ-ଜନତା ସୁସମ୍ପର୍କ ରହୁ

**ବଣ୍ଡା, (ଡି.ଏନ.ଏ.):** କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହଣ୍ଡପା ପୋଲିସ ପକ୍ଷରୁ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଲବ ବୋଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ନାରାୟଣ ମାଝି, ଏଏସ୍ଆଇ ସୁନାକର ସାଇଁ, ବିଦ୍ୟାଧର ନାଗ, ରୁଦ୍ରନାରାୟଣ ସାହୁ, ଚାରୁ ରଣା, କୁନ୍ତଳା ରଣା, ଜୟନ୍ତୀ ବାରିକ ପ୍ରମୁଖ ଯୋଗଦେଇଥିଲେ। ପୋଲିସ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅପରାଧ କମିବ ବୋଲି ମତ ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**ଛେଣ୍ଡିପଦା,୨୩।୩(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ମଙ୍ଗଳବାର ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ସାମାଜିକ ସେବା ଉପରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏକ 'ମୋ କର୍ତ୍ତବ୍ୟ' ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଗୁରୁ, ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଛେଣ୍ଡିପଦା ବଜାର, ଗ୍ରାମ ପରିକ୍ରମା କରିଥିଲେ। ପରେ ଅନୁଷ୍ଠାନ ପରିସର, ଛାତ୍ରାବାସ ଓ ଫାଟକ ସମ୍ମୁଖ ଏବଂ ବ୍ଲକ କଲୋନୀ ପରିସର ସଫେଇ କରାଯାଇଥିଲା। ଅଧ୍ୟକ୍ଷ ଡକ୍ଟର ସୁବାସ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, ପ୍ରଶିକ୍ଷିକା, ପ୍ରଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ବିକ୍ରମ ସାହୁ, ଲକ୍ଷ୍ମଣ ସାହୁ, ମାନସ ଚନ୍ଦ୍ର ରାଉତ, ମଦନସୁନ୍ଦର ପ୍ରଧାନ, ରାମକୃଷ୍ଣ ପରିଛା ଓ ଗଣେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଦୋଳ, ହୋଲି ଯାତ୍ରା ଉପରେ କଟକଣା

**ଅନୁଗୋଳ ଅଫିସ, ୨୩।୩:** କରୋନାର ଦ୍ୱିତୀୟ ଲହରିକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଦୋଳ ଉତ୍ସବ ଓ ହୋଲି ଯାତ୍ରାରେ କଟକଣା ଲଗାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ. ୭୨୧ରେ କୁହାଯାଇଛି ଯେ, କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ବା ଦୋଳ ଯାତ୍ରା ଆୟୋଜନ କରାଯିବ ନାହିଁ। ଏପରି କି ସର୍ବସାଧାରଣ ସ୍ଥାନରେ ହୋଲି ଖେଳିବାକୁ ମଧ୍ୟ ବାରଣ କରାଯାଇଛି। ଏ ନେଇ ଜିଲାରେ ଥିବା ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ଓ ପୋଲିସକୁ ଅବଗତ କରାଯାଇଛି।

### ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୩।୩:** ଅନୁଗୋଳ ଜିଲାରୁ ମଙ୍ଗଳବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୪୩୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୨ ଜଣ, ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ଆଠମଲ୍ଲିକ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ନାବାଳିକା ଗର୍ଭବତୀ, ୨ ଗିରଫ

**ଆଠମଲ୍ଲିକ, ୨୩।୩(ଡି.ଏନ.ଏ.):** ଜଣେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିବା ଅଭିଯୋଗରେ ଆଠମଲ୍ଲିକ ପୋଲିସ ୨ ଅଭିଯୁକ୍ତ ଭାଇ ଦୀନେଶ ମାହାର ଏବଂ ରମେଶ ମାହାରଙ୍କୁ ଗିରଫ କରିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ କ୍ରମେ ନଂ. ୪୪/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି।

### କୋଇଲା ଚୋରାଚାଲାଣ, ୨ ଗିରଫ

**ପାଲଲହଡ଼ା, ୨୩।୩(ଡି.ଏନ.ଏ.):** ୧୪୯ନଂ. ଜାତୀୟ ରାଜପଥର ପାଲଲହଡ଼ା ଥାନା ନୂତନ ବାଇପାସ୍ ନିକଟରେ ଏକ ଟ୍ରକ୍‌ରୁ କୋଇଲା ଚୋରାଚାଲାଣ କରୁଥିବାବେଳେ ପୋଲିସ ଚାଳକ ରବୀନ୍ଦ୍ର କୁମାର ସିଂ ଏବଂ ସ୍ଥାନୀୟ ଚା ଦୋକାନୀ ବୀରବର ସାହୁଙ୍କୁ ଗିରଫ କରିଛି। କୋଇଲା ବୋଝେଇ ଟ୍ରକ୍‌ରୁ ଚୋରା ଚାଲାଣ ସୂଚନାପାଇ ଉପଖଣ୍ଡ ପୋଲିସ ଅଧିକାରୀ ସୁମନ ରଞ୍ଜିତା ସିଂ, ଥାନାଧିକାରୀ କିଶୋର କୁମାର ସାମଲ ଚଢ଼ାଉ କରିଥିଲେ। ଏ ନେଇ ନଂ. ୬୭/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଟ୍ରକ୍ କିଣାଇଦେବାକୁ କହି ଠକେଇ

**ପାଲଲହଡ଼ା, ୨୩।୩(ଡି.ଏନ.ଏ.):** ପୁରୁଣା ଟ୍ରକ୍ କିଣାଇଦେବାକୁ କହି ବ୍ୟାଙ୍କ କର୍ମଚାରୀଙ୍କଠାରୁ ଟଙ୍କା ଠକେଇ ଅଭିଯୋଗରେ ପାଲଲହଡ଼ା ପୋଲିସ କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳର ସତ୍ୟବାନ ମାଝିଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ପାଲଲହଡ଼ା ୟୁକୋ ବ୍ୟାଙ୍କ ସହକାରୀ ମ୍ୟାନେଜର ସତ୍ୟସ୍ୱରୂପ ମହାନ୍ତି ପୁରୁଣା ଟ୍ରକ୍ କିଣିବାକୁ ବ୍ୟାଙ୍କମିତ୍ର ଦାଶରଥି ରାଜହଂସଙ୍କ ସହାୟତା ଲୋଡ଼ିଥିଲେ। ଦାଶରଥି ୨୦୨୦ ଅଗଷ୍ଟ ୨୮ରେ ଅଭିଯୁକ୍ତ ସତ୍ୟବାନ ମାଝିଙ୍କ ସହିତ ସତ୍ୟସ୍ୱରୂପଙ୍କ ଭେଟ କରାଇଥିଲେ। ସତ୍ୟସ୍ୱରୂପ ୩ ଲକ୍ଷ ୨୦ ହଜାର ଟଙ୍କା ଦେଇଥିଲେ। ଟ୍ରକ୍ ନ ମିଳିବାରୁ ସତ୍ୟସ୍ୱରୂପ ଫେବୃୟାରୀ ୧୭ରେ ଥାନାରେ ଅଭିଯୋଗ କରିଥିଲେ। ଟଙ୍କା ପରିଶୋଧ କରିବେ ବୋଲି କହି ଧରାଛୁଆଁ ନ ଦେବାରୁ ସତ୍ୟସ୍ୱରୂପ ମଙ୍ଗଳବାର ପୁଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବ ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

# ଏନ୍‌ଟିପିସିର ଯୋଜନାବଦ୍ଧ ଚକ୍ରାନ୍ତ

**ତାଳଚେର,୨୩।୩ (ନି.ପ୍ର.)**

ଶ୍ରମିକମାନେ କାମକୁ ନ ଆସିବାରୁ ତାଳଚେର ଥର୍ମାଲ ପାୱାର ଷ୍ଟେସନ (ଟିଟିପିଏସ୍)ର ସମସ୍ତ ୟୁନିଟ୍ ବନ୍ଦ କରାଯିବାକୁ ନେଇ ଶ୍ରମିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଯୋଜନାବଦ୍ଧ ଚକ୍ରାନ୍ତ ବୋଲି ଶ୍ରମିକମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଶ୍ରମିକ ଏକତା ମଞ୍ଚ ପକ୍ଷରୁ କୁହାଯାଇଛି ଯେ, କୋଇଲା ଫିଡ଼ିଙ୍ଗ ହୋଇ ନ ପାରିବା କେବଳ ଏକ ବାହାନା। ଅନେକ ସମୟରେ ତାଳଚେରରେ ଆନ୍ଦୋଳନ ହୁଏ। ଏଥିଯୋଗୁ ଟ୍ରକ୍ ଓ ଟେନ୍‌ରେ କୋଇଲା ପରିବହନ ଦିନ ଦିନ ଧରି ବନ୍ଦ ରହିଥାଏ। ତଥାପି ଟିଟିପିଏସ୍‌ରୁ ବିଦ୍ୟୁତ୍ ଉତ୍ପାଦନ କୌଣସି ଦିନ ସମ୍ପୂର୍ଣ୍ଣ ବନ୍ଦ ହୋଇ ନ ଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶ କାର୍ଯ୍ୟକାରୀ ନ କରି ଏନ୍‌ଟିପିସି କର୍ତ୍ତୃପକ୍ଷ ଟିଟିପିଏସ୍‌ର ଏହି ପୁରୁଣା ପ୍ଲାଣ୍ଟକୁ ବେଆଇନ ଭାବେ ବନ୍ଦ କରିବାକୁ ଯାଇ ଶ୍ରମିକମାନଙ୍କ ମୁଣ୍ଡରେ ଦୋଷ ଲଦୁଛନ୍ତି। ଏ ନେଇ ଅତି ଗୋପନୀୟ ଭାବେ ପୂର୍ବରୁ ପଦକ୍ଷେପ ନିଆଯାଉଥିଲା। ଏପ୍ରିଲ୍ ୧ରୁ କାର୍ଯ୍ୟକୁ ନ ଆସିବାକୁ ଠିକା ଶ୍ରମିକମାନଙ୍କୁ ଠିକାଦାରଙ୍କ ମାଧ୍ୟମରେ ନୋଟିସ ଦିଆଯାଇଥିଲା। ସେହିପରି ଗତ ଶନିବାର ପ୍ଲାଣ୍ଟର ୭୮ ଜଣ କର୍ମଚାରୀଙ୍କୁ ରାତିଅଧିଆ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା। ତେଣୁ ଟିଟିପିଏସ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହା କର୍ତ୍ତୃପକ୍ଷଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଏକତା ମଞ୍ଚ ପକ୍ଷରୁ କୁହାଯାଇଛି।

### ଟିଟିପିଏସ୍ ୟୁନିଟ୍ ବନ୍ଦ ନେଇ ତୀବ୍ର ପ୍ରତିକ୍ରିୟା



ଟିଟିପିଏସ୍‌ରେ ବିଦ୍ୟୁତ୍ ଉତ୍ପାଦନ ଶୂନ ଦର୍ଶାଯାଇଛି।

### ଏକଛତ୍ରବାଦ ନିଷ୍ପତ୍ତି



"ବହୁ ସଂଖ୍ୟକ ଶ୍ରମିକ, କର୍ମଚାରୀଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତା ନ କରି ଗଣତନ୍ତ୍ରରେ ଏକଛତ୍ରବାଦ ନିଷ୍ପତ୍ତି ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ଏହାଦ୍ୱାରା ଶ୍ରମିକମାନେ ରୋଜଗାର ହରାଇବେ। ତାଳଚେରର ଅର୍ଥନୀତି ପ୍ରଭାବିତ ହେବ।

**-ମହେଶ ସାହୁ, ଏମ୍‌ପି ଢେଙ୍କାନାଳ**

### ନୂଆ ୟୁନିଟ୍ ସ୍ଥାପନ କରାଯାଉ



"ଟିଟିପିଏସ୍‌ର ପୁରୁଣା ପ୍ଲାଣ୍ଟ ଚାଲୁ ରଖିବା ସହ ନୂତନ ପ୍ଲାଣ୍ଟ ନିର୍ମାଣ କରାଯିବା ପାଇଁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। କିନ୍ତୁ ଏନ୍‌ଟିପିସି କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଲେନାହିଁ। କେନ୍ଦ୍ର ସରକାର ନୂଆ ୟୁନିଟ୍ ସ୍ଥାପନ ପାଇଁ ପଦକ୍ଷେପ ନେଲେ ଭଲ ହେବ।

**- ମୁରଲୀଧର ସାହୁ, ସୁରକ୍ଷାମଞ୍ଚ ସଭାପତି**

### ବେଆଇନ ପଦକ୍ଷେପ



"ଶ୍ରମିକ, ପ୍ରଶାସନକୁ ଅବଗତ ନ କରି ଯେଭଳି ଭାବେ ଟିଟିପିଏସ୍‌ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରଖାଯାଇଛି, ତାହା ବେଆଇନ ଓ ଜନବିରୋଧୀ ପଦକ୍ଷେପ। ଏନ୍‌ଟିପିସି କର୍ତ୍ତୃପକ୍ଷ ଏପରି କାର୍ଯ୍ୟରୁ ନିବୃତ୍ତ ରହିଲେ ଶ୍ରମିକ ଓ ରାଜ୍ୟବାସୀଙ୍କ ମଙ୍ଗଳ ହେବ।

**-ଛବି ସାହୁ, ଓକିଲ ସଂଘ ତଥା ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି**

### ଶ୍ରମିକଙ୍କୁ ଦୋଷ ଦେବା ନିନ୍ଦନୀୟ



"ଠିକାଦାରଙ୍କଠାରୁ ନୋଟିସ ପାଇବା ପରେ ମଧ୍ୟ ଶ୍ରମିକମାନେ ଆଗ୍ରହର ସହିତ କାମ କରୁଥିଲେ। କିନ୍ତୁ ଶ୍ରମିକମାନେ କାମକୁ ନ ଆସିବାରୁ ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଥିବା ନେଇ କର୍ତ୍ତୃପକ୍ଷ ସଫେଇ ଦେବା ନିନ୍ଦନୀୟ।

**-ସରୋଜ କୁମାର ନାଥ, କାର୍ଯ୍ୟକାରୀ ସଭାପତି, ଏକତା ମଞ୍ଚ**

### ବିଭେଦ ସୃଷ୍ଟି ଉଦ୍ୟମ



"ଏନ୍‌ଟିପିସି କର୍ତ୍ତୃପକ୍ଷ ନିଜେ ପ୍ଲାଣ୍ଟ ବନ୍ଦ କରିଥିବାବେଳେ ଶ୍ରମିକଙ୍କ ମୁଣ୍ଡରେ ଦୋଷ ଲଦୁଛନ୍ତି। ଏମିତି କରି ଶ୍ରମିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ସହ ଫାଇଦା ନେବାକୁ ଅପଚେଷ୍ଟା କରାଯାଉଛି। ସେଥିରୁ ନିବୃତ୍ତ ରହି ଶ୍ରମିକଙ୍କୁ କର୍ମସଂସ୍ଥାନ ଯୋଗାଇଦିଅନ୍ତୁ।

**-ବିନୋଦ ସାମଲ, ସଭାପତି**

### ଏନ୍‌ଟିପିସି ଅନ୍ୟାୟ କରିଛି



"ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ବଳରେ ତାଳଚେର ଥର୍ମାଲକୁ ଏନ୍‌ଟିପିସିକୁ ହସ୍ତାନ୍ତର କରାଯାଇଥିଲା। ପରିବେଶଜନିତ ସମସ୍ତ ଅସୁବିଧା ଦୂରକରି ପ୍ଲାଣ୍ଟର କାର୍ଯ୍ୟକାଳ ବଢ଼ାଇବାକୁ ଉକ୍ତ ଧାରାରେ ଉଲ୍ଲେଖ ଥିଲା। କିନ୍ତୁ ଏନ୍‌ଟିପିସି ଅନ୍ୟାୟ କରିଛି।

**-ସମର ସାହୁ, ସମ୍ପାଦକ, ଏନ୍‌ଟିପିସି ପାୱାର ୱାର୍କର୍ସ ୟୁନିୟନ**

## ଜିଲାରେ ୯୪ ମାଟ୍ରିକ ପରୀକ୍ଷା କେନ୍ଦ୍ର

**ଅନୁଗୋଳ ଅଫିସ, ୨୩।୩**

ଆସନ୍ତା ମେ ୩ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ୧୫ରେ ଶେଷ ହେବ। ଏ ନେଇ ଅନୁଗୋଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଜିଲାର ୯୪ଟି କେନ୍ଦ୍ରରେ ଚଳିତବର୍ଷ ୧୮ ହଜାର ୯୯୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧୭ ହଜାର ୪୬୯ ରେଗୁଲାର ଓ ୧୫୨୭ ଏକ୍ସ-ରେଗୁଲାରେ ପରୀକ୍ଷା ଦେବେ। ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଜିଲାରୁ ୬୫୪ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ପାଇଁ ୪ଟି କେନ୍ଦ୍ର କରାଯାଇଛି। ଜିଲାର ୮ଟି ବ୍ଲକ ମୁଖ୍ୟାଳୟରେ ପ୍ରଶ୍ନପତ୍ର ରଖିବାକୁ ନୋଡାଲ ସେଣ୍ଟର କରାଯାଇଛି। ସୁରକ୍ଷା ବଳୟ ମଧ୍ୟରେ ଏହି ନୋଡାଲ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ରଖାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା ସୂଚନା ଦେଇଛନ୍ତି। ସ୍କ୍ୱାଡ୍ ଟିମ୍ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକର ନାମ ବୋର୍ଡକୁ ପଠାଯାଇଛି। ଏଥିସହ ଜିଲାରେ ଥିବା ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଚୟନ କରାଯାଇନାହିଁ। ବୋର୍ଡ ପକ୍ଷରୁ ନିଷ୍ପତ୍ତି ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଜିଲା ଶିକ୍ଷା ବିଭାଗ ଗ୍ରହଣ କରିବ।

## ଗାଡ଼ି ଅଟକିଗଲା, ପୋଲିସ ହଟହଟା


ପାଟ୍ରୋଲିଂ ଗାଡ଼ି ଅଚଳ ହୋଇଯିବାରୁ ଅନ୍ୟ ଏକ ଗାଡ଼ି ପୋଲିସ କର୍ମଚାରୀଙ୍କୁ ନେବାକୁ ଆସିଛି।

**ଅନୁଗୋଳ ଅଫିସ, ୨୩।୩**

ଗତ ୧୯ ତାରିଖରୁ ଅନୁଗୋଳରେ ଆରମ୍ଭ ହୋଇଛି ଏମରଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ (ଇଆର୍‌ଏସ୍‌ଏସ୍)। ଅସୁବିଧାରେ ପଡ଼ିଥିବା କୌଣସି ବ୍ୟକ୍ତି ହେଲ୍ପ ନମ୍ବର ୧୧୨କୁ କଲ୍ କରି ସହାୟତା ଚାହିଁଲେ ତୁରନ୍ତ ପୋଲିସ ପିସିଆର ଭ୍ୟାନ୍‌ରେ ଥିବା କର୍ମଚାରୀ ପହଞ୍ଚି ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ହେଲେ ଉଦ୍‌ଘାଟନର ମାତ୍ର ୩ ଦିନ ପରେ ମଙ୍ଗଳବାର ୧୧୨ ପିସିଆର୍ ଭ୍ୟାନ୍ ଦେଢ଼ଘଣ୍ଟା ଅଟକି ଯାଇଛି। ଫଳରେ ଉକ୍ତ ଗାଡ଼ିରେ ଥିବା ପୋଲିସ କର୍ମଚାରୀ ହଟହଟା ହେବା ସହ ଅନ୍ୟ ଗାଡ଼ି ଡାକି ସେଥିରେ ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ମହିଳା ପାଟିତୁଣ୍ଡ କରୁଥିବା ଖବରପାଇ ୧୧୨ ଗାଡ଼ିରେ ପାଟ୍ରୋଲିଂ କରୁଥିବା ୨ ଏସ୍‌ଆଇ, ଜଣେ ଏଏସ୍‌ଆଇ ଓ କର୍ମଚାରୀମାନେ ପହଞ୍ଚିଥିଲେ। ହେଲେ ସେଠାରେ ଉକ୍ତ ପାଟ୍ରୋଲିଂ ଭ୍ୟାନ୍‌ର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଦୀର୍ଘ ଦେଢ଼ଘଣ୍ଟା ଧରି ପୋଲିସ କର୍ମଚାରୀମାନେ ଅଟକି ରହିବା ପରେ ଅନ୍ୟ ଏକ ଗାଡ଼ିରେ ଯିବାକୁ ପଡ଼ିଥିଲା। ଘଟଣା ସମ୍ପର୍କରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ଏପରି ଅସୁବିଧା ଉପୁଜିଥିଲା। ଏହା ସେପରି ସମସ୍ୟା ସୃଷ୍ଟି କରିନାହିଁ।

## ଆନ୍ଦୋଳନ ପ୍ରତ୍ୟାହୃତ

**କଣିହାଁ,୨୩।୩(ଡି.ଏନ.ଏ.)**

କଣିହାଁ ବ୍ଲକ ଦେଇ ଯାଇଥିବା ୫୩ନଂ. ରାଜପଥର ଏନ୍‌ଟିପିସି ଥାନା ନକନକା-ବଲାଙ୍ଗୀ ପୋଲ ନିକଟରେ ଗତ ରବିବାର ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ କମରେଇ ଗ୍ରାମର ଲଳିତ ସାହୁ ଓ ଜ୍ୟୋତିରଞ୍ଜନ ସାହୁଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ୨ ଦିନ ଧରି ସେଠାରେ ଆନ୍ଦୋଳନ ଜାରି ରହିଥିଲା। ସୋମବାର ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବସିଥିବା ବୈଠକ ବିଫଳ ହୋଇଥିଲା। ପରେ ସରପଞ୍ଚ ଦୁଃଖବନ୍ଧୁ ସାହୁ ମୃତଦେହ ଏନ୍‌ଟିପିସି ଫାଟକ ସମ୍ମୁଖରେ ରଖି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନିକ ଅଧିକାରୀ ଓ ୫ ପ୍ଲାଟୁନ ଫୋର୍ସ ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ପ୍ରଧାନ ଓ ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନଙ୍କ ଉପସ୍ଥିତିରେ ଟ୍ରକ୍ ମାଲିକ ଅବନୀକାନ୍ତ ସାହୁ ଦୁଇ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ବୀମା ଅର୍ଥ ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ୨୦ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏହାପରେ ମୃତଦେହ ରାଜପଥରୁ ଉଠାଯାଇଥିଲା।

## 'ଓଡ଼ିଶାରେ ଗାନ୍ଧୀ' ନାଟକକୁ ପ୍ରଶଂସା


ଅନୁଗୋଳ ସଭାଘର ଠାରେ ଓଡ଼ିଶାରେ ଗାନ୍ଧୀ ନାଟକ ପରିବେଷଣ କରାଯାଉଛି।

**ଅନୁଗୋଳ ଅଫିସ, ୨୩।୩**

ଅନୁଗୋଳ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ଏକ ନାଟକ ପରିବେଷଣ କରାଯାଇଥିଲା। ଶଙ୍କର ତ୍ରିପାଠୀ ଓ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶିତ ଏହି ନାଟକକୁ ଅନୁଗୋଳର ନାଟ୍ୟାନୁଷ୍ଠାନ ସ୍ଥାନୀୟ ସଭାଘର ଠାରେ ପରିବେଷଣ କରିଥିଲା। ଏଥିରେ ୧୯୨୩ ମସିହାରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଠାରୁ ଆରମ୍ଭ କରି ୧୯୪୬ ମସିହା ପର୍ଯ୍ୟନ୍ତ ସମସ୍ତ କାହାଣୀକୁ ଅତି ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିଲା। ପ୍ରତିଟି ଗସ୍ତରେ ଗାନ୍ଧିଜୀ କିପରି ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତକରି ସ୍ୱାଧୀନତା, ଭେଦଭାବ ଦୂର କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ ତାହା ଦର୍ଶାଯାଇଥିଲା। ବିଭିନ୍ନ ଭୂମିକାରେ ଅଶୋକ ଦାସ, ତପନ ଦାସ, ଅମରେଶ ନାଥ ପ୍ରମୁଖ ଅଭିନୟ କରିଥିଲେ। ପ୍ରାରମ୍ଭରେ ଗାନ୍ଧୀଙ୍କ ପ୍ରିୟ ଭଜନରେ ସଭାଘରେ ଗୁଞ୍ଜରିତ ହୋଇଥିଲା। ଏହି ନାଟକକୁ ସଭାଘରରେ ଉପସ୍ଥିତ ଥିବା ଦର୍ଶକମାନେ ବେଶ୍ ଉପଭୋଗ କରିବା ସହ ପ୍ରଶଂସା କରିଥିଲେ। ଅତିଥିଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ସହ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ସରିତା ପ୍ରଧାନ, ଜିଲା ସଂସ୍କୃତି ପରିଷଦ ସଂଯୋଜିକା ଇନ୍ଦିରା ଦାସ ପ୍ରମୁଖ ଯୋଗଦେଇଥିଲେ।

# ଛୋଟ ହେଲେ ବି ଅବହେଳିତ

**ବଅଁରପାଳ,୨୩।୩(ଡି.ଏନ.ଏ.)**

- ୮ ପରିବାରର ରାଜସ୍ୱ ଗ୍ରାମ ମଝିକା
- ବର୍ଷସାରା ଭୋଗୁଛନ୍ତି ଜଳ କଷ୍ଟ
- ଶୌଚ ପାଇଁ ଯାଉଛନ୍ତି ଖୋଲା ପଡ଼ିଆକୁ


ଗ୍ରାମର ମହିଳାମାନେ ଦୂରରୁ ପାଣି ଆଣୁଛନ୍ତି।

ଛୋଟିଆ ରାଜସ୍ୱ ଗାଁ। ପରିବାର ସଂଖ୍ୟା ମାତ୍ର ୮। ହେଲେ ୩୦ ଲୋକ ରହୁଥିବା ଏହି ଗାଁରେ ଥିବା ସମସ୍ୟାର ସମାଧାନ କରିପାରୁନି ପ୍ରଶାସନ। ବର୍ଷ ବର୍ଷ ଧରି ଏହି ଗ୍ରାମବାସୀ ପାନୀୟ ଜଳ ପାଇଁ ହଇରାଣ ହରକତ ହେଉଥିବା ବେଳେ ସ୍ୱଚ୍ଛ ଭାରତ ଯୋଜନାରେ କରାଯାଇଥିବା ପାଇଖାନା ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ପାଣି ପାଇଁ ପଡ଼ୋଶୀ ଗାଁ ଉପରେ ନିର୍ଭର କରୁଥିବା ବଅଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତର ମଝିକା ଗ୍ରାମବାସୀ ଖୋଲା ପଡ଼ିଆକୁ ଶୌଚ ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି।

ରାଜସ୍ୱ ଗ୍ରାମ ମଝିକାରେ ପୂର୍ବରୁ ୩ ପରିବାର ରହୁଥିଲେ। ପରବର୍ତ୍ତୀ ସମୟରେ ଏହା ୮ ପରିବାରକୁ ବୃଦ୍ଧି ପାଇଛି। ପାନୀୟ ଜଳ, ଶିକ୍ଷା, ଜଳସେଚନ, ପରିମଳ ସମେତ ବହୁ ସମସ୍ୟା ଏଠାରେ ଲାଗିରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଶେଷକରି ଖରାଦିନେ ଜଳ କଷ୍ଟ ମୁଖ୍ୟ ସମସ୍ୟା ପାଲଟୁଛି। ଗ୍ରାମର ବହୁ ଦୂରରେ ଥିବା ଏକ ନଳକୂପରୁ କମ୍ ପରିମାଣର ପାଣି ବାହାରୁଛି। ଫଳରେ ଗ୍ରାମବାସୀଙ୍କୁ ପଡ଼ୋଶୀ ଗ୍ରାମରୁ ପାଣି ଆଣିବାକୁ ପଡ଼ୁଛି। ପାଇପ୍ ଯୋଗେ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲୋକେ ଦାବିକରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ବ୍ୟବସ୍ଥା କରାଯାଉ ନାହିଁ। କେବଳ ଦୀର୍ଘ ଦିନ ହେଲା ଜଳ ପରିମଳ ବିଭାଗ ପକ୍ଷରୁ ଗ୍ରାମରେ କେତୋଟି ପାଇପ୍ ପଏଣ୍ଟ ପୋତାଯାଇଛି। ସେହିପରି ପିଲାମାନେ ନିକଟରେ ଥିବା ବଗଚର ଗ୍ରାମ ସ୍କୁଲକୁ ପଢ଼ିବା ପାଇଁ ଯାଉଛନ୍ତି। ଖୋଲା ମଳମୁକ୍ତ ଗ୍ରାମ ଲକ୍ଷ୍ୟରେ ଘରେ ଘରେ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। କେଉଁଠି ଟାଙ୍କି ନିର୍ମାଣ ହୋଇନାହିଁ ତ ଆଉ କେଉଁ ଟାଙ୍କିରେ ନନ୍ଦ ବସାଯାଇନାହିଁ। ଫଳରେ ମହିଳାମାନେ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ସମସ୍ୟା ଦୂର କରିବା ପାଇଁ ଲୋକେ ଦାବି କରିଛନ୍ତି। ବଅଁରପାଳ ଅତିରିକ୍ତ ବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଯଦି ଗ୍ରାମରେ ସମସ୍ୟା ରହିଥାଏ, ତେବେ ତାହାର ଅନୁଧ୍ୟାନ କରାଯାଇ ସମାଧନ କରାଯିବ।

### ପଡ଼ୋଶୀ ଗ୍ରାମ ଭରସା



ଗ୍ରାମରେ ମାତ୍ର ୮ ପରିବାର ରହୁଛୁ। ହେଲେ ଛୋଟିଆ ଗାଁରେ ଥିବା ସମସ୍ୟାର ସମାଧାନ କରାଯାଉ ନାହିଁ। ବିଶେଷକରି ପିଇବା ପାଣି ପାଇଁ ପଡ଼ୋଶୀ ଗାଁ ଉପରେ ନିର୍ଭର କରିବାକୁ ପଡ଼ୁଛି। କେତେଜଣଙ୍କୁ ଭତ୍ତା ମଧ୍ୟ ମିଳୁନାହିଁ।

**-ସିଦ୍ଧେଶ୍ୱର ନାୟକ, ଗ୍ରାମବାସୀ**

### ଶୌଚ ପାଇଁ ପଡ଼ିଆକୁ ଯାଉଛୁ



"ସରକାରଙ୍କ ପକ୍ଷରୁ ପ୍ରତି ଘରେ ପାଇଖାନା ନିର୍ମାଣ କରାଯାଇଛି। ହେଲେ ଏହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗ୍ରାମର ମହିଳା ପୁରୁଷମାନେ ବାଧ୍ୟ ହୋଇ ନିକଟସ୍ଥ ପଡ଼ିଆକୁ ଶୌଚ ପାଇଁ ଯାଉଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଗଲେ ଭଲ ହୁଅନ୍ତା।

**-ବାସନ୍ତୀ ନାୟକ, ଗ୍ରାମବାସୀ**

### ସରକାର ଦୃଷ୍ଟି ଦିଅନ୍ତୁ



"ସବୁଦୃଷ୍ଟିରୁ ଏହି ରାଜସ୍ୱ ଗ୍ରାମ ଅବହେଳିତ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପିଇବା ପାଣିର ସୁବିଧା କରାଯାଉ ନାହିଁ। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେଜଣଙ୍କ ବୟସ ୬୫ରୁ ଅଧିକ ହୋଇଥିଲେ ମଧ୍ୟ ଭତ୍ତା ଯୋଜନାରେ ସାମିଲ କରାଯାଉ ନାହିଁ।

**-କେଶବ ନାୟକ, ଗ୍ରାମବାସୀ**

### ଉନ୍ନତି ପ୍ରତି ଧ୍ୟାନ ଦେବି



"ଗ୍ରାମରେ ଥିବା ସମସ୍ୟା ସମ୍ପର୍କରେ ଅଭିଯୋଗ ଆସିଛି। ଗ୍ରାମବାସୀଙ୍କୁ ପାଇପ୍ ପାଣି ଯୋଗାଇ ଦେବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ପାଇଖାନା ତିଆରି ଶେଷ ହୋଇଛି। ଲୋକେ କିଭଳି ପଡ଼ିଆକୁ ନ ଯାଇ ପାଇଖାନା ବ୍ୟବହାର କରିବେ ସେ ନେଇ ଉଦ୍ୟମ କରିବି।

**-ଉତ୍ସବ ଦେହୁରୀ, ବୁଢ଼ାପଙ୍କ ସରପଞ୍ଚ**

# ବିଦ୍ୟୁତ୍ କାଟ୍‌କୁ ବିରୋଧ

**ଅନୁଗୋଳ ଅଫିସ, ୨୩।୩**

ବିଲ୍ ବକେୟା ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଉଥିବା ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଦସ୍ୟ ପ୍ରଦ୍ୟୁମ୍ନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଟିପିସିଓଡିଏଲ୍ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିଦ୍ୟୁତ୍ କର୍ମଚାରୀମାନେ ବକେୟା ଆଦାୟ କରିବା ପାଇଁ ଜବରଦସ୍ତି କରୁଛନ୍ତି। ନିୟମ ଅନୁଯାୟୀ ଯେଉଁମାନେ ବିଲ୍ ପୈଠ କରିପାରୁନାହାନ୍ତି ସେମାନଙ୍କୁ ପୂର୍ବରୁ ନୋଟିସ୍ ଦିଆଯିବା କଥା। କିନ୍ତୁ ଅନୁଗୋଳରେ ତାହା ପାଳନ କରାଯାଉନାହିଁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କରୋନା ଯୋଗୁ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଖିଲାପକାରୀଙ୍କ ବିଦ୍ୟୁତ୍ କାଟିଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଛନ୍ତି। ତେଣୁ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଉପଭୋକ୍ତାଙ୍କୁ ୧୫ ଦିନ ସମୟ ଦେବା, କିସ୍ତି ମାଧ୍ୟମରେ ପୈଠ କରିବାକୁ ସୁଯୋଗ ଦିଆଯାଉ ବୋଲି ଛାତ୍ର କଂଗ୍ରେସ ସଦସ୍ୟମାନେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବଳବୀର ସିଂହ, ଦୀନେଶ ସାହୁ, ସତ୍ୟବ୍ରତ ନାଏକ, ଲୁଲୁ ପାଣିଗ୍ରାହୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଆଜି କ'ଣ କେଉଁଠି

**ବଉଁରପାଳ**

- ଫଗୁ ଦଶମୀ ଉତ୍ସବ, ସ୍ଥାନ: ନାଲ୍‌କୋ ନଗର, ସମୟ: ସନ୍ଧ୍ୟା ୭ଟା।
- ନିର୍ମାଣ ମଜଦୁର ସଭାର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ନିଯୁକ୍ତି ପ୍ରଶିକ୍ଷଣ ଶିବିର, ସ୍ଥାନ: ବଉଁରପାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଛେଣ୍ଡିପଦା**

- ନୂତନ କାଳୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଖମାର, ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ୫ ଗୁରୁତର



**କାମାକ୍ଷାନଗର, ୨୩।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ପଞ୍ଚାୟତ ମୁତୁରିବନ୍ଧ ଗ୍ରାମରେ ମଙ୍ଗଳବାର ବାର୍‌ହା ଆକ୍ରମଣରେ ୫ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମିନି ପ୍ରଧାନ (୪୫), ହରି ପ୍ରଧାନ (୪୦), ରାମିନି କଲଙ୍ଗ (୫୦), ନରେନ୍ଦ୍ର ପ୍ରଧାନ (୪୦) ଏବଂ ଗଗନ ପାତ୍ର (୩୫)। ନିକଟ ଜଙ୍ଗଲରୁ ଗ୍ରାମ ଭିତରକୁ ଉକ୍ତ ବାର୍‌ହା ପଶିଆସିଥିଲା। ଏହାର ହାବୁଡ଼ରେ ସମ୍ପୃକ୍ତ ୫ଜଣ ପଡ଼ିଯାଇଥିଲେ। ସୂଚନା ପାଇ ବନ କର୍ମଚାରୀ ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

### ବ୍ଲକ ଓଷ୍ଟାର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୨୩।୩:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଢେଙ୍କାନାଳ ସଦର ବ୍ଲକ ଶାଖାର ସାମ୍ବିଧାନିକ ସମ୍ମିଳନୀ ବଳଦିଆବନ୍ଧସ୍ଥିତ ଗୌରାଙ୍ଗ ଚରଣ ବିଦ୍ୟାପୀଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରୋଜକାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବ୍ଲକ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁବାସ ଚନ୍ଦ୍ର ଲେଙ୍କା, ଉପସଭାପତି ସୁରଜିତା ମିଶ୍ର, ରଞ୍ଜିତ ସାମଲ, ସମ୍ପାଦକ ଲିଙ୍ଗରାଜ ବେହେରା, ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ପଣ୍ଡା, ବିଦୁର ସାମଲ, ଜିଲା କାଉନସିଲ୍ ସଭ୍ୟ ଗଙ୍ଗାଧର ଦାଶ, ନରେଶ ମହାରଣା, ନିରଞ୍ଜନ ବେହେରା, ସନ୍ତୋଷ ସାହୁ, ରାଜ୍ୟ କାଉନସିଲ୍ ସଭ୍ୟ ଭାବେ ଦୁଃଖବନ୍ଧୁ ରାଉତ ଏବଂ ପଦ୍ମଲୋଚନ ବେହେରା ମନୋନୀତ ହୋଇଛନ୍ତି। ଶାଖା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଧଳ, ସମ୍ପାଦକ ବିଭୂତି ସାମଲ, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାଶ, ପୂର୍ବତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ବ୍ରହ୍ମ, ବିନୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ସାମର୍ଥ୍ୟ ଶିବିର: ୩୦୬ ପଞ୍ଜୀକୃତ

**କାମାକ୍ଷାନଗର, ୨୩।୩(ଡି.ଏନ.ଏ.):** କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ବର୍ଗର ମୋଟ ୩୦୬ ଜଣ ନାମ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୫ ଜଣଙ୍କୁ ଟ୍ରେନ୍‌ପାସ୍, ୩ ଜଣଙ୍କୁ ବସ୍‌ପାସ ଏବଂ ୨ଜଣଙ୍କୁ ଆୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ପାଇଁ ୨୧ଜଣଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ବିଡିଓ ବିକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପଖାଳ ମହୋତ୍ସବ

**ଢେଙ୍କାନାଳ ଅଫିସ, ୨୩।୩:** ଢେଙ୍କାନାଳ ସଦର ବ୍ଲକ ଧୀରପାଟଣାର ସତ୍ୟବ୍ରତ ମଠରେ ବିଶ୍ୱ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ପଖାଳ ହେଉଛି ଓଡ଼ିଆ ଜାତିର ପରିଚୟ। ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଆରିଆ ମଠାଧୀଶ ବାବା ସଦାନନ୍ଦ ଦାସ, ରାଜୀବ ଲୋଚନ ସିଂଦେଓ ଯୋଗଦେଇଥିଲେ। ଧୀରପାଟଣାରେ ୫୨ବର୍ଷ ପରେ ଘୋଷଯାତ୍ରାରେ ରଥ ନିର୍ମାଣ କରିବା ଲାଗି ନିଷ୍ପତ୍ତି ହୋଇଛି। ଏଥିପୂର୍ବରୁ ରଥଦାଣ୍ଡର ପ୍ରଶସ୍ତୀକରଣ ଲାଗି ପଦକ୍ଷେପ ନିଆଯିବ ବୋଲି ଏମ୍‌ପି କହିଥିଲେ। ଗ୍ରାମ ସଭାପତି ରବୀନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଗଦାଧର ଜେନା, ଅଖିଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇତିହାସ ବଖାଣିଲା 'ଗାନ୍ଧୀଙ୍କ ଓଡ଼ିଶା'

**ଢେଙ୍କାନାଳ ଅଫିସ, ୨୩।୩**



ନାଟକ 'ଗାନ୍ଧୀଙ୍କ ଓଡିଶା'ର ଏକ ଦୃଶ୍ୟ।

ସ୍ୱାଧୀନତା ଆନ୍ଦୋଳନକୁ ଅଧିକ ଶାଣିତ କରିବାକୁ ଓଡ଼ିଶାକୁ ୮ଥର ଆସିଥିଲେ ଗାନ୍ଧୀ ମହାତ୍ମା। ତାଙ୍କର ଆଗମନରେ ରାଜ୍ୟରେ ବ୍ରିଟିଶ ବିରୋଧୀ ଆନ୍ଦୋଳନକୁ ମିଳିଥିଲା ଅମାପ ବଳ। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଢେଙ୍କାନାଳର ଅଲଟରନେଟିଭ୍ ରିଦିମ ଥିଏଟରର ମିଳିତ ଉଦ୍ୟମରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍‌ରେ ମଞ୍ଚସ୍ଥ ହୋଇଛି 'ଗାନ୍ଧୀଙ୍କ ଓଡ଼ିଶା'। ୯୭ ମିନିଟ୍ ଅବଧିର ଏହି ନାଟକରେ ଓଡ଼ିଶାରେ ଗାନ୍ଧୀଙ୍କ ଆଗମନ ସମୟର ବିଭିନ୍ନ ଘଟଣାବଳୀକୁ ଜୀବନ୍ତ ଭାବେ ପରିବେଷଣ କରିଥିଲେ ଅଲଟରନେଟିଭ୍ ରିଦିମ ଥିଏଟରର କଳାକାର, ଯାହା ସାଉଁଟିଥିଲା ଦର୍ଶକଙ୍କ କରତାଳି।

୧୯୨୧ ମାର୍ଚ୍ଚ ୨୩ ଦୋଳ ପୂର୍ଣ୍ଣିମାରେ ଗାନ୍ଧିଜୀ ପ୍ରଥମେ ଓଡ଼ିଶା ମାଟିରେ ପାଦ ରଖିଥିଲେ। ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଓ ଚରଖା ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ନିଜ ଜୀବନକାଳ ଭିତରେ ମୋଟ ୮ ଥର ଓଡ଼ିଶା ଆସିଥିଲେ। ସେହି ସମୟରେ ଗାନ୍ଧିଜୀ ଏବଂ ତାଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଓଡ଼ିଶାର ଅନେକ ବରେଣ୍ୟ ବ୍ୟକ୍ତି। ସେହି ସମୟର ସହ ବିଭିନ୍ନ ଘଟଣାବଳୀକୁ ନାଟକର ରୂପ ଦିଆଯାଇଥିଲା। ଶଙ୍କର ତ୍ରିପାଠୀ ନାଟକର ରଚନା କରିଥିବାବେଳେ ନାଟ୍ୟକାର ଦୀନେଶ ଦାସ ଏହାର ନିର୍ଦ୍ଦେଶନା ଦେଇଥିଲେ। ଗାନ୍ଧୀ ଭୂମିକାରେ କାମାକ୍ଷା ପ୍ରସାଦ ରଣାଙ୍କ ଅଭିନୟ ବେଶ ଜୀବନ୍ତ ଥିଲା। ସେହିପରି ଗୋପବନ୍ଧୁଙ୍କ ଭୂମିକାରେ ବିଜୟ ମିଶ୍ର, ବ୍ରଜ ଭୂମିକାରେ ମନୋହର ଶତପଥୀ, କସ୍ତୁରବା ଭୂମିକାରେ ଦେବଯାନୀ ଦାସ, ରମାଦେବୀ ଭୂମିକାରେ ସୁମିତ୍ରା ଦେବତା, ହରେକୃଷ୍ଣ ମହାତବଙ୍କ ଭୂମିକାରେ ଦେବକାନ୍ତ ମିଶ୍ର, ମଧୁସୂଦନ ଦାସଙ୍କ ଭୂମିକାରେ ଆଶୁତୋଷ ପାଢ଼ୀ, ନୀଳକଣ୍ଠ ଦାସଙ୍କ ଭୂମିକାରେ ପ୍ରଦୋଷ କୁମାର ମିଶ୍ର, ଆଚାର୍ଯ୍ୟ ହରିହରଙ୍କ ଭୂମିକାରେ ବିଶ୍ୱଜିତ ସାହୁଙ୍କ ଅଭିନୟ ବେଶ୍ ମନଛୁଆଁ ହୋଇଥିଲା। ଅନ୍ୟାନ୍ୟ ଭୂମିକାରେ ମାଧବ ହେମ୍ବ୍ରମ୍, ଜୟଦେବ ଶତପଥୀ, ପ୍ରମୋଦ ଦାସ, ସୌମ୍ୟରଞ୍ଜନ ସାମଲ, ଜୟଚନ୍ଦ୍ର ମହାପାତ୍ର, ସତ୍ୟଜିତ୍ ରାଉତ, ପୁରୁଷୋତ୍ତମ ବେହେରା, ଏଏନ୍‌ପି ଲୋପାମୁଦ୍ରା, ରାମେଶ୍ୱରୀ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଥିଲେ। ବିକାଶ ପ୍ରଧାନ ଆଲୋକ ସାଜସଜ୍ଜା, ବିନୟ ନାୟକ ସଙ୍ଗୀତ ନିର୍ଦ୍ଦେଶନା, ଏକଲବ୍ୟ ରୂପସଜ୍ଜା ଦାୟିତ୍ୱ ତୁଲାଇଥିଲେ।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାନେତ୍ରୀ ଡ. ପୁଷ୍ପଲତା ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶକ ଦୀନେଶ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସୁନାବେଶ ପାଇଁ ଗଢ଼ିଲା ଦାନହୁଣ୍ଡି ରଥ

**ଢେଙ୍କାନାଳ ଅଫିସ, ୨୩।୩**

ପ୍ରସିଦ୍ଧ ଶୈବପୀଠ କପିଳାସର କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ସୁନାବେଶ ପାଇଁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଦାନ ସଂଗ୍ରହ ଅଭିଯାନ। ଏହି ଉପଲକ୍ଷେ ଏକ ଦାନହୁଣ୍ଡି ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ଜିଲା ପରିକ୍ରମା କରି ଦାନ ସଂଗ୍ରହ କରିବ। ପୂର୍ବାହ୍ନରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସାମାଜିକକର୍ମୀ ରାଜକିଶୋର ବେହେରା ପ୍ରଥମ ବ୍ୟକ୍ତି ଭାବେ ୧୧,୧୧୧ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ପତାକା ଦେଖାଇ ଦାନହୁଣ୍ଡି ରଥର ଶୁଭାରମ୍ଭ କରୁଛନ୍ତି।

## ଜଳ ସଂରକ୍ଷଣ ପାଇଁ ପରାମର୍ଶ

**ଢେଙ୍କାନାଳ ଅଫିସ, ୨୩।୩**

ଢେଙ୍କାନାଳ ପୌରାଞ୍ଚଳର ୨ନଂ. ୱାର୍ଡସ୍ଥିତ ଡା. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର କହିଲେ, ଜଳ ହିଁ ଜୀବନ। ତେଣୁ ଜଳସଂରକ୍ଷଣ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ ଜଳ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁନିତା ନାୟକ, ପାୟଲ ପଣ୍ଡା, ଉମେଶ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ରଘୁନାଥଜୀଉ ମନ୍ଦିର ବାର୍ଷିକ ଉତ୍ସବ



କଳସ ଯାତ୍ରା ପୂର୍ବରୁ ବ୍ରାହ୍ମଣୀ ନଦୀପଠାରେ ପୂଜାର୍ଚ୍ଚନା।

**ପରଜଙ୍ଗ, ୨୩।୩(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ସାଆନ୍ଦା ଗ୍ରାମର ଆରାଧ୍ୟ ଦେବତା ଶ୍ରୀତମ୍ବାପଟା ରଘୁନାଥଜୀଉ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୫ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ୧୦୮ ଶ୍ରଦ୍ଧାଳୁଙ୍କୁ ନେଇ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଚାନ୍ଦପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ ପଠାରେ ପୂଜାର୍ଚ୍ଚନା ପରେ ପଟୁଆରରେ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ସଭାପତି ବିଜୟ ପଣ୍ଡା, ଜୟ ଭାରତୀ ଯୁବକ ସଂଘ ସଭାପତି ରାଜେଶ ପାଣିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ବିଜୁ ପ୍ରିମିୟର ଲିଗ୍: ୪ ଟିମ୍ ପରବର୍ତ୍ତୀ ରାଉଣ୍ଡରେ

**ପରଜଙ୍ଗ, ୨୩।୩(ଡି.ଏନ.ଏ.)**

ପରଜଙ୍ଗ ମିନିଷ୍ଟାଡିୟମରେ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ-୨୦୨୧ର ପଞ୍ଚମ ଦିବସରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଲୋଧଣି, ପଙ୍ଗାତୀରା, କୁମୁସୀ, ଅଁଳାବେରେଣୀ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଲୋଧଣିର ୧୧୫ ରନ୍ ଜବାବରେ ଆମ୍ବପଳାସ ୩୨ ରନ୍ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମକୁଆକାଟେଣୀ ୯୬ ରନ୍ କରିଥିବାବେଳେ ପଙ୍ଗାତୀରା ୯୭ ରନ୍ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ କୁମୁସୀ ୯ ଉଇକେଟରେ କଙ୍କଡ଼ାହାଡ଼କୁ ପରାସ୍ତ କରିଛି। କଙ୍କଡ଼ାହାଡ଼ର ୪୦ ରନ୍ ଜବାବରେ କୁମୁସୀ ୩.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଚତୁର୍ଥ ମ୍ୟାଚ୍‌ରେ ଅଁଳାବେରେଣୀ ପ୍ରଥମେ ବ୍ୟାଟିଂ କରି ୧୨୪ ରନ୍ କରିଥିଲା। ବାମ୍ ଟିମ ୬୭ ରନ୍ କରି ପରାଜିତ ହୋଇଥିଲା। ରାଧାକାନ୍ତ ତ୍ରିପାଠୀ, ନୀରୋଦ ଦାସ ଖେଳ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ରାଉତ ସ୍କୋରର ରହିଥିଲେ। ବିଜୟୀ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଢେଙ୍କାନାଳ ଅଫିସ, ୨୩।୩**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ଅବସରରେ ମଙ୍ଗଳବାର ସକାଳ ୭ଟାରେ ସ୍ଥାନୀୟ ଗାନ୍ଧୀପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ସଂସ୍କୃତି ସଂଯୋଜକ ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବାପୁଜୀଙ୍କ ଓଡ଼ିଶା ଆଗମନର ସ୍ମୃତିଚାରଣ କରିଥିଲେ।

# ଅଳିଆ ଦେୟ ନିଷ୍ପତ୍ତିକୁ ବିରୋଧ

**ଭୁବନ, ୨୩।୩(ଡି.ଏନ.ଏ.)**

- ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ବ୍ୟବସାୟୀ ସଂଘର ଦାବିପତ୍ର
- ବାଧ୍ୟତାମୂଳକ ନୁହେଁ ବୋଲି କହିଲେ ତହସିଲଦାର



ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ପକ୍ଷରୁ ଆବର୍ଜନା ପରିଚାଳନା ଲାଗି ଦେୟ ଆଦାୟ ନିଷ୍ପତ୍ତିକୁ ସ୍ଥାନୀୟ ବ୍ୟବସାୟୀ ବିରୋଧ କରିଛନ୍ତି। କରୋନା ମହାମାରୀ ସମୟରେ ଆର୍ଥିକ ଦୁର୍ଦ୍ଦିନର ସମ୍ମୁଖୀନ ହେଉଥିବା ବ୍ୟବସାୟୀ ଏବଂ ଜନସାଧାରଣଙ୍କ ଉପରେ ପ୍ରଶାସନର ଏଭଳି ନିଷ୍ପତ୍ତି ବେଡି ଉପରେ କୋରଡ଼ା ମାଡ଼ ସଦୃଶ। ତେଣୁ ଏଭଳି ଦେୟ ଆଦାୟରୁ ଦୂରେଇ ରହିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଭୁବନ ଏନ୍‌ଏସିର ସମସ୍ତ ୧୫ ୱାର୍ଡ ଏବଂ ୬ ପ୍ରମୁଖ ବଜାରରେ ସଫେଇ ଲାଗି କୌଣସି ଦେୟ ଦେବାକୁ ପଡୁ ନ ଥିଲା। ପ୍ରାୟ ମାସେ ହେଲା ଏନ୍‌ଏସି କର୍ତ୍ତୃପକ୍ଷ ଅଳିଆ ଉଠାଇବା ଲାଗି ଦେୟ ଆଦାୟ କରିବାକୁ ପ୍ରଚାର କରୁଛନ୍ତି। ବ୍ୟବସାୟୀଙ୍କଠାରୁ ସରକାର ନିୟମ ଅନୁଯାୟୀ ଟିକସ ଆଦାୟ କରୁଛନ୍ତି। ତଥାପି ବଜାରଗୁଡ଼ିକର ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହେଉନାହିଁ। ନୂଆବଜାର, କାଳୀବଜାର, ଗଣେଶ ବଜାର, ଦୁର୍ଗାବଜାର, ଗୁଜୁରୀହାଟ, ନୂଆ ଭୁବନ ଛକରେ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଡ୍ରେନେଜ୍, ଆଲୋକୀକରଣ, ପାର୍କିଂ, ପାନୀୟ ଜଳ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇପଡ଼ିଛି। ନୂଆବଜାର ବସ୍‌ଷ୍ଟାଣ୍ଡରେ ନିର୍ମିତ ଶୌଚାଳୟ, ପରିସ୍ରାଗାର କାର୍ଯ୍ୟକ୍ଷମ କରାଯାଉନାହିଁ। ଯାତ୍ରୀ, ଗ୍ରାହକମାନେ ସମସ୍ୟା ଭୋଗୁଛନ୍ତି। କରୋନା ମହାମାରୀଜନିତ କଟକଣା ଯୋଗୁ ବ୍ୟବସାୟୀଙ୍କ ଆର୍ଥିକସ୍ଥିତି ଦୋହଲିଯାଇଛି। ଏଭଳି ସମୟରେ ଅଳିଆ ଉଠାଇବା ଲାଗି ଦେୟ ନିଷ୍ପତ୍ତି ବାଧିବ। ତେଣୁ ଏହାର ପୁନର୍ବିଚାର କରିବାକୁ ମହାଲକ୍ଷ୍ମୀ ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁ, ବିନାୟକ ବଣିକ ସଂଘ ସଭାପତି ଶୁଭେନ୍ଦୁ କୁମାର ସାହୁ, ଗୁଜୁରୀହାଟ ବଣିକ ସଂଘ ସଭାପତି ପ୍ରଭାତ କୁମାର ସାହୁ, ଦୁର୍ଗାବଜାର ବଣିକ ସଂଘ ସଭାପତି ଶ୍ରୀକାନ୍ତ ସାହୁ, ନୂଆ ଭୁବନ ବଣିକ ସଂଘ ସଭାପତି ହୃଷୀକେଶ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଭୁବନ ତହସିଲଦାର ପ୍ରଭାସ କୁମାର ବେଉରିଆ କୁହନ୍ତି, ଭୁବନବାସୀଙ୍କ ପକ୍ଷରୁ ଅଳିଆ ଉଠାଇବା ପାଇଁ ଟିକସ ଆଦାୟ ସମ୍ପର୍କିତ ଅଭିଯୋଗ ମିଳିଛି। ଅଞ୍ଚଳର ବିକାଶ ଲାଗି ଏହି ଟିକସ ଦେବାକୁ ସ୍ଥାନୀୟ ବାସିନ୍ଦାଙ୍କୁ ବୁଝାଶୁଝା କରାଯିବ। ତେବେ ଏହା ବାଧ୍ୟତାମୂଳକ ନୁହେଁ ବୋଲି ସେ ସୂଚନା ଦେଇଛନ୍ତି।

## କାଟେଣୀ ସାହିରେ ପଶିଲା ଦନ୍ତା

- ଆସିଲେନି ବନ କର୍ମଚାରୀ
- ଭୟରେ ଘର ଛାଡ଼ିଲେ ପରିବାର



**ରାସୋଳ, ୨୩।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଖଲିବୋରୋଇ ସେକ୍ସନର କାଟେଣୀ ସାହିରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦନ୍ତା ହାତୀ ପଶି ବ୍ୟାପକ ଉପଦ୍ରବ ସୃଷ୍ଟି କରିଛି। ହାତୀଟି ଅନେକଙ୍କ ଘରଦ୍ୱାର ଭାଙ୍ଗି ପକାଇଛି। ସୂଚନା ଦେବା ସତ୍ତ୍ୱେ ରାତି ୧୦ଟା ସୁଦ୍ଧା ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ହାତୀ ଆତଙ୍କରେ କେତେକ ପରିବାର ଘରଦ୍ୱାର ଛାଡ଼ି ବାହାରକୁ ପଳାଇ ଆସିଥିବା ଜଣାପଡ଼ିଛି।

ଅଞ୍ଚଳବାସୀଙ୍କ କହିବା କଥା, ଉକ୍ତ ଦନ୍ତା ପଲରୁ ବାହାରି ଏକାକୀ ବିଚରଣ କରୁଥିଲା। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ହାତୀଟି ଜନବସତିକୁ ପଶି ଆସିଥିଲା। ଏହାର କାନ ପାଖରେ ଘା' ହୋଇଯାଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଫଳରେ ହାତୀଟି ଯନ୍ତ୍ରଣାରେ ଛଟପଟ ହେବା ସହ କାନ ପିଟୁଛି। ହିଂସ୍ର ହୋଇ ଘରଦ୍ୱାର ଭାଙ୍ଗିବା ଆରମ୍ଭ କରିଛି। ଏ ସମ୍ପର୍କରେ ହିନ୍ଦୋଳ ବନାଞ୍ଚଳ କାର୍ଯ୍ୟାଳୟ, ସ୍ଥାନୀୟ ଫରେଷ୍ଟରଙ୍କ ସମେତ ଜିଲାର ପଦସ୍ଥ ଅଧିକାରୀଙ୍କୁ ସୂଚନା ଦେବା ସତ୍ତ୍ୱେ କେହି ପହଞ୍ଚି ନ ଥିବା ଗ୍ରାମବାସୀ କହିଛନ୍ତି। ଜୀବନ ପ୍ରତି ବିପଦ ଥିବାରୁ ପରିବାର ସଦସ୍ୟ ସୁରକ୍ଷିତ ସ୍ଥାନରେ ରାତ୍ରିଯାପନ କରିଛନ୍ତି। ଏ ସଂକ୍ରାନ୍ତରେ ରେଞ୍ଜର ଲୋହିତ କୁମାର ରଥଙ୍କୁ ଯୋଗାଯୋଗ କରିବାରେ ସେ କର୍ମଚାରୀଙ୍କୁ ପଠାଇଥିବା କହିଥିଲେ। ତେବେ ରାତି ୧୦ଟା ସୁଦ୍ଧା କେହି ପହଞ୍ଚି ନ ଥିବା ଜଣାପଡ଼ିଛି।

## ୭ମ କ୍ରୀଡ଼ା ମହୋତ୍ସବ: ରାଜ୍ୟସ୍ତରୀୟ ଭଲିବଲ ଉଦ୍‌ଘାଟିତ

**କାମାକ୍ଷାନଗର, ୨୩।୩(ଡି.ଏନ.ଏ.)**



ଅତିଥିଙ୍କ ସହ ଭଲିବଲ ଖେଳାଳିମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମରେ ଚାଲିଥିବା ୭ମ କ୍ରୀଡ଼ା ମହୋତ୍ସବର ମଙ୍ଗଳବାର ତୃତୀୟ ଦିବସରେ ରାଜ୍ୟସ୍ତରୀୟ ଭଲିବଲ ମ୍ୟାଚ୍ ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ଭୁବନେଶ୍ୱରର କିଟ୍, ତ୍ରିବେଣୀ ମାଇନ୍ସ, ସରକାରୀ ଶାରୀରିକ ଶିକ୍ଷା କେନ୍ଦ୍ର, ଇଷ୍ଟକୋଷ୍ଟ ରେଲୱେ, ଜଗତ୍‌ସିଂହପୁର, ଛେଣ୍ଡିପଦା, ପାରାଦୀପ ପୋର୍ଟ, ଟାଟା ଭୂଷଣ ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ୨ଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ସେମିରେ କଟକ ନିମପୁର ଦଳ ଭୁବନେଶ୍ୱର ସାଇ ଇଲେଭେନକୁ ଭେଟିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ତାଳଚେର କ୍ରିକେଟ କ୍ଲବ ଏବଂ କାମାକ୍ଷାନଗର ମଡର୍ନ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଉଛି। ଉଭୟ ମ୍ୟାଚ୍ ଫ୍ଲଡ୍ ଲାଇଟ୍‌ରେ ଅନୁଷ୍ଠିତ ହୋଇଥିଲା। ବୁଧବାର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପନୀ ଦିବସରେ ଭଲିବଲ ଏବଂ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଖେଳାଯିବ।

ଉପଖଣ୍ଡ କ୍ରୀଡ଼ାସଂଘ ଉପସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ସଞ୍ଜୟ କୁମାର ରାଉତ, ସମ୍ମାନିତ ଅତିଥି ପୂର୍ବତନ କଲେଜ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାସ, ସମ୍ପାଦକ ଆଦିତ୍ୟ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ସାହୁ, ପ୍ରଭାସ ରଞ୍ଜନ ମିଶ୍ର, ମଙ୍ଗୁତଲାଲ କଟାରୁକା, ସୂର୍ଯ୍ୟସମ୍ମିତ ସାହୁ, ବିରଜା ସାସ୍‌ମଲ ପ୍ରମୁଖ ଉପସ୍ଥିତ ରହି ଭଲିବଲ ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ଘୋଷକ ବିପିନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

### ଜାତୀୟସ୍ତରୀୟ ଆୟୋଜନ



"ଇଷ୍ଟକୋଷ୍ଟ ରେଲୱେ ତରଫରୁ ପ୍ରଥମଥର ଏହି କ୍ରୀଡ଼ା ମହୋତ୍ସବରେ ସାମିଲ ହୋଇ ଗର୍ବ ଅନୁଭବ କରୁଛି। ବାସ୍ତବରେ ଏହାକୁ ଗ୍ରାମାଞ୍ଚଳ କ୍ରୀଡ଼ାର ମହାକୁମ୍ଭ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଦେଶର ଅନେକ ସ୍ଥାନରେ ଆୟୋଜିତ ବଡ଼ ପ୍ରତିଯୋଗିତାରେ ଭାଗ ନେଇଛି। ହେଲେ କାମାକ୍ଷାନଗରର ଆୟୋଜନ ଜାତୀୟସ୍ତରୀୟ।

**-ପି.ପି. ଆଜାହର, ଭଲିବଲ ଖେଳାଳି**

### ଉଦ୍ୟମ ପ୍ରଶଂସନୀୟ



"କ୍ରୀଡ଼ା ମହୋତ୍ସବରେ ସାମିଲ ହେବାକୁ ଆମନ୍ତ୍ରଣ ମିଳିବା ପରେ ଆୟୋଜନକୁ ନେଇ ଭିନ୍ନ ଭାବନା ଥିଲା। ହେଲେ ଏଠାକୁ ଆସି ଦେଖିବା ପରେ ଧାରଣା ବଦଳିଯାଇଛି। ଆୟୋଜକମାନେ ପ୍ରତିଯୋଗିତାକୁ ସଫଳ କରିବାକୁ ସମସ୍ତ ଉଦ୍ୟମ କରିଛନ୍ତି, ଯାହା ବାସ୍ତବିକ୍ ପ୍ରଶଂସନୀୟ।

**-ରାଜେଶ ଧୂପର, କ୍ରିକେଟର**

